# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**7 December - 2024**

**News Editor : Tapan Kumar Maharana**

***********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ଯୋଜନାର ସୁଫଳ ଓଡ଼ିଶାକୁ ମିଳୁଛି, କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

— ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଲିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍‌ର କଲେ ଭିତ୍ତିପ୍ରସ୍ତର ସ୍ଥାପନ

- ଚଳିତବର୍ଷ ଓଡ଼ିଶାରେ ରେଳର ବିକାଶ ପାଇଁ କେନ୍ଦ୍ର ସରକାର ୨୦ ହଜାର କୋଟି ଟଙ୍କାର ଅନୁଦାନ ଦେଇଛନ୍ତି; କହିଲେ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

- ବିରୋଧି ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ; ଅପରାହ୍ଣ ୪ଟା ପର୍ଯ୍ୟନ୍ତ ବିଧାନସଭା ମୁଲତବୀ

ଏବଂ

- ଯବାନ୍‌ମାନଙ୍କ କର୍ତ୍ତବ୍ୟ ଏବଂ ବଳିଦାନକୁ ସମ୍ମାନ ଜଣାଇ ଆଜି ଦେଶରେ ପାଳନ କରାଯାଉଛି ସଶସ୍ତ୍ର ବାହିନୀ ପତାକା ଦିବସ

# ରାଷ୍ଟ୍ରପତି-ପୂର୍ବୋଦୟ ଯୋଜନା

କେନ୍ଦ୍ର ସରକାରଙ୍କ ପୂର୍ବୋଦୟ ଯୋଜନାର ସୁଫଳ ଓଡ଼ିଶାକୁ ମିଳୁଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ୬ ହଜାର ୪ ଶହ କୋଟିରୁ ଅଧିକ ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ରାଷ୍ଟ୍ରପତି କହିଛନ୍ତି, ଖଣିବହୁଳ ଅନୁନ୍ନତ ଅଂଚଳଗୁଡ଼ିକରେ ରେଳପଥର ବିକାଶ କରାଯାଇ ଅଭିବୃଦ୍ଧି ଲକ୍ଷ୍ୟ ରଖାଯାଇଛି।

ମୟୂରଭଞ୍ଜ ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ଆଜି ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଲିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି,

**- V/O -**

ଉପସ୍ଥିତ ଜନତାଙ୍କୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଜନଜାତିଙ୍କ ସୁବିଧା ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଜନଜାତି ସମ୍ପ୍ରଦାୟର ଲୋକମାନେ ଅଧିକ ଲାଭବାନ ହୋଇଛନ୍ତି। କେନ୍ଦ୍ର ସରକାର ୯୦ରୁ ଅଧିକ ବନଜାତ ଦ୍ରବ୍ୟ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟର ବ୍ୟବସ୍ଥା କରିଛନ୍ତି।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ତୃତୀୟ ପାଳିରେ ଶପଥ ନେବା ପରେ ଓଡ଼ିଶାରେ ରେଳର ବିକାଶ ପାଇଁ ପ୍ରାୟ ୨୦ ହଜାର କୋଟି ଟଙ୍କାର ଅନୁଦାନ ଦେଇଛନ୍ତି।

**- V/O -**

ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ବାଲେଶ୍ୱର ଗସ୍ତ କରି ରେଳଷ୍ଟେସନର ନବନିର୍ମିତ ଫୁଟ୍ ଓଭରବ୍ରିଜ୍‌ର ଉଦ୍‌ଘାଟନ କରିଛନ୍ତି। ଅପରାହ୍ଣରେ ଶ୍ରୀ ବୈଷ୍ଣବ କଟକ ରେଳଷ୍ଟେସନର ଦ୍ୱିତୀୟ ପ୍ରବେଶପଥର ମଧ୍ୟ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । କଟକ ସାଂସଦ ଭର୍ତ୍ତୃହରି ମହତାବ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

## ବିଧାନସଭା

ଶୀତକାଳିନ ଅଧିବେଶନରେ ଆଜି ଗୃହରେ ବିରୋଧିଦଳ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକାର୍ଯ୍ୟକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ପ୍ରଶ୍ନୋତ୍ତର କାଳରେ ବିଜେଡ଼ି ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବୈଧାନିକ ପ୍ରଶ୍ନ ଜରିଆରେ ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଏସ୍‌ଓ ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରସଙ୍ଗରେ ଗୃହରେ ବିବୃତ୍ତି ଦେବାପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ। ବିଜେଡି ଦଳର ଅନ୍ୟ ସଦସ୍ୟମାନେ ଗୃହର

ମଧ୍ୟଭାଗକୁ ଆସି ଏହି ପ୍ରସଙ୍ଗ ଉପରେ ବାଚସ୍ପତିଙ୍କ ପୋଡିୟମ୍ ସମ୍ମୁଖରେ ପାଟିତୁଣ୍ଡ କରିବା ଯୋଗୁଁ ପ୍ରଶ୍ନୋତ୍ତର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ପ୍ରଥମେ ଗୃହକୁ ଦିନ ସାଢ଼େ ୧୧ଟା ପର୍ଯ୍ୟନ୍ତ ବାଚସ୍ପତି ମୁଲତବୀ ରଖିଥିଲେ । ଶୂନ୍ୟକାଳ ଆରମ୍ଭ ହେବା ପରେ ମଧ୍ୟ ଗୃହରେ ସମାନ ସ୍ଥିତି ଜାରି ରହିବା ଯୋଗୁଁ ବାଚସ୍ପତି ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି । ବିରୋଧି ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁଁ ଆଜିର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇପାରି ନଥିଲା । ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହକୁ ଜଣାଇଥିଲେ, ଓଡ଼ିଶା ହାଇକୋର୍ଟରେ  ୧ ଲକ୍ଷ ୪୫ ହଜାର ୫୩୫ଟି ମକଦ୍ଦମା ବିଚାରାଧିନ ରହିଛି ।  ମକଦ୍ଦମାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଗୃହକୁ ଆଇନ୍‌ମନ୍ତ୍ରୀ ଜଣାଇଥିଲେ । ସେହିଭଳି ବିଧାୟକ ବଦ୍ରୀନାରାୟଣ ପାତ୍ରଙ୍କର ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, କେନ୍ଦୁଝର ଜିଲ୍ଲାରେ ୧୬ଟି ସ୍ଥାନକୁ ପର୍ଯ୍ୟଟନସ୍ଥଳିର ମାନ୍ୟତା ଦିଆଯାଇଛି ।

ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି, ସୁଭଦ୍ରା ଯୋଜନାରେ ବର୍ତ୍ତମାନସୁଦ୍ଧା ୮୦ ଲକ୍ଷ ୨୯ ହଜାର ୭୪୧ ଜଣ ମହିଳା ହିତାଧିକାରୀ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇଛନ୍ତି ।

## ୧୯୯ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ

ରାଜ୍ୟ ସରକାର ୨୦୧୬-୧୭ ଆର୍ଥିକବର୍ଷରେ ଯୁକ୍ତଦୁଇ ପାଠ୍ୟକ୍ରମକୁ ଉଚ୍ଚଶିକ୍ଷା ବିଭାଗରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ଆଣିବା ପରେ ୧୯୯ଟି ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, କଳାହାଣ୍ଡି ଜିଲ୍ଲାରେ ୧୧୦ଟି ବିଦ୍ୟାଳୟକୁ ପ୍ରାଥମିକ ପ୍ରସ୍ତୁତି ଓ କାର୍ଯ୍ୟକ୍ଷମ ବାବଦକୁ ପ୍ରତି ଅନୁଷ୍ଠାନକୁ ୧ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦିଆଯାଇଛି ।

## ସଶସ୍ତ୍ର ବାହିନୀ ପତାକା ଦିବସ

ସଶସ୍ତ୍ର ବାହିନୀରେ ସେବାରତ ତଥା ସେବାନିବୃତ୍ତ ଯବାନମାନଙ୍କ ମାତୃଭୂମିର ସେବା ଏବଂ ପ୍ରାଣବଳିକୁ କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟରେ ୧୯୪୯ ମସିହାରୁ ଆଜିର ଦିନକୁ ଦେଶରେ ସଶସ୍ତ୍ର ବାହିନୀ ପତାକା ଦିବସ ଭାବେ ପାଳନ କରାଯାଉଛି । ସଶସ୍ତ୍ରବାହିନୀର ଯବାନ ଏବଂ ସେମାନଙ୍କ ପରିବାରର ମଙ୍ଗଳ ପାଇଁ ପାଣ୍ଠି ସଂଗ୍ରହ ଉଦ୍ଦେଶ୍ୟରେ ଏହି ଦିବସ ମଧ୍ୟ ପାଳନ କରାଯାଇଥାଏ । ପତାକା ଦିବସ ପାଳନର ୩ଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଯୁଦ୍ଧରେ ପ୍ରାଣ ହରାଇଥିବା ଯବାନଙ୍କର ପରିବାରକୁ ଥଇଥାନ କରିବା, କାର୍ଯ୍ୟରତ ସେନା କର୍ମଚାରୀ, ଏବଂ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ଆର୍ଥିକ ସାହାଯ୍ୟ ଏବଂ ପୂର୍ବତନ ସୈନିକ ଏବଂ ସେମାନଙ୍କ ପରିବାରର ଥଇଥାନ ଓ କଲ୍ୟାଣ ପାଇଁ ପାଣ୍ଠି ସଂଗ୍ରହ । ସଶସ୍ତ୍ରବାହିନୀ ପତାକା ଦିବସ ପାଳନ ଅବସରରେ ପତାକା ବଣ୍ଟନ ମାଧ୍ୟମରେ ପାଣ୍ଠି ସଂଗ୍ରହ କରାଯାଇଥାଏ । ସଶସ୍ତ୍ରବାହିନୀ ପତାକା ଦିବସରେ ଭାରତୀୟ ସାମରିକ କର୍ମଚାରୀମାନେ

ବିଭିନ୍ନ ପାରମ୍ପରିକ, ସାଂସ୍କୃତିକ ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରିଥାନ୍ତି।

## ଯକ୍ଷ୍ମା ନିରାକରଣ

୧୦୦ ଦିନ ବ୍ୟାପୀ ସଘନ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟର ବଲାଙ୍ଗିର, ବରଗଡ଼, ଭଦ୍ରକ, ବୌଦ୍ଧ, କଟକ, ଦେବଗଡ଼, ଗଞ୍ଜାମ, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡା, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ପୁରୀ, ରାୟଗଡ଼ା, ସୋନପୁର ଓ ସୁନ୍ଦରଗଡ଼ ଆଦି ୧୯ଟି ଯକ୍ଷ୍ମାପ୍ରବଣ ଜିଲ୍ଲାଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ କରାଯାଇଛି। ୬୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି, ମଧୁମେହରେ ପୀଡିତ ବ୍ୟକ୍ତି, ଅପପୁଷ୍ଟିର ଶିକାର କିମ୍ବା ଏଚ୍‌ଆଇଭି ଆକ୍ରାନ୍ତ ବ୍ୟକ୍ତି, ଧୂମପାନ ଓ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ସମେତ ୫ ବର୍ଷ ମଧ୍ୟରେ ଯକ୍ଷ୍ମାରେ ସଂକ୍ରମିତ ହୋଇଥିବା କୌଣସି ଲୋକଙ୍କୁ ଚିକିତ୍ସା କରାଯାଇ ଯକ୍ଷ୍ମା ନିରାକରଣ କାର୍ଯ୍ୟରେ ସାମିଲ କରାଯାଇଛି।

**ଗଞ୍ଜାମ** ଜିଲ୍ଲା ଖଲିକୋଟ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ସଘନ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଖଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ମୂଳକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ, ଖଲିକୋଟ ବ୍ଲକ୍‌ରେ ସମୁଦାୟ ୩୩୮ ଜଣ

ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮୩ ଜଣ ରୋଗୀଙ୍କୁ ଯକ୍ଷ୍ମା ଔଷଧ ଦିଆଯାଉଛି।

## ମାଲ୍ୟବନ୍ତ ମହୋତ୍ସବ

ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ମାଲକାନଗିରି ଜିଲ୍ଲାରେ ନୃତ୍ୟ ଓ ଲୋକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲ୍ଲାର ପ୍ରମୁଖ ୧୪ଟି ଜନଜାତି ଏହି ପ୍ରତିଯୋଗିତାରେ ନିଜର ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ। ପ୍ରତିଯୋଗିତାର କୃତି ନୃତ୍ୟ ଦଳଙ୍କୁ ମାନପତ୍ର ଓ ଅର୍ଥ ରାଶି ପ୍ରଦାନ କରାଯିବା ସହିତ ଜିଲ୍ଲାର ନାଟ୍ୟଗୁରୁମାନଙ୍କୁ ସମ୍ମାନୀତ କରାଯାଇଥିଲା।

## ସ୍ୱ-ରୋଜଗାର ଯୋଜନା

କେନ୍ଦ୍ର ସରକାରଙ୍କ ସମୃଦ୍ଧ ଭାରତ ସ୍ୱ-ରୋଜଗାର ଯୋଜନାରେ ଯୁବକଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସାଳନ୍ଦୀ ନଗର ବାଇପାସ୍‌ଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଖାଦ୍ୟ କମିସନ ଦଳଙ୍କ ସମୀକ୍ଷା

ଓଡ଼ିଶା ଖାଦ୍ୟ କମିସନ ଦଳ ନୟାଗଡ଼ ଜିଲା ରଣପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ବୁଲି ସମୀକ୍ଷା କରିଛନ୍ତି। ସେମାନେ ବିଭିନ୍ନ ପଞ୍ଚାୟତ, ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଆବାସିକ ବିଦ୍ୟାଳୟ ହଷ୍ଟେଲ, ସ୍ୱାସ୍ଥ୍ୟ କେନ୍ଦ୍ର, ଛତୁଆ ପ୍ରସ୍ତୁତି କେନ୍ଦ୍ର ଓ ଡ଼ାଲି ପ୍ରକ୍ରିୟାକରଣ କେନ୍ଦ୍ର ନିରୀକ୍ଷଣ କରିଛନ୍ତି।

## ମାଣ୍ଡିଆ ସଂଗ୍ରହ

୨୦୨୪-୨୫ ବର୍ଷ ପାଇଁ ମାଣ୍ଡିଆ ସଂଗ୍ରହ ଲାଗି ଚାଷୀମାନଙ୍କୁ ଆସନ୍ତା ୩୧ ତାରିଖ ସୁଦ୍ଧା ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି। ଚାଷୀମାନେ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା, କୃଷକ ସଂଗଠନ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠି ମାଧ୍ୟମରେ ପଞ୍ଜୀକରଣ କରିପାରିବେ। ପୂର୍ବରୁ ପଞ୍ଜୀକୃତ ହୋଇଥିବା ଚାଷୀ, ପୂର୍ବପ୍ରଦତ୍ତ ତଥ୍ୟରେ ପରିବର୍ତ୍ତନ କରିବାକୁ ଚାହୁଁଥିଲେ କୃଷକ ଓଡ଼ିଶା ପୋର୍ଟାଲର ମାଧ୍ୟମରେ ଆବଶ୍ୟକ ସଂଶୋଧନ କରିପାରିବେ। ଅଧିକ ସୂଚନା ପାଇଁ ନିକଟସ୍ଥ ବ୍ଲକ ଓ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପାଇଁ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ପାଣିପାଗ

ରାଜ୍ୟରେ  ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୨ ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ ବୋଲି ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଜଗତ୍ସିଂହପୁର, ଭଦ୍ରକ, କେନ୍ଦ୍ରାପଡା, ଯାଜପୁର, କନ୍ଧମାଳ, କଳାହାଣ୍ଡି, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବାର ସମ୍ଭାବନା ରହିଛି। ଆସନ୍ତାକାଲି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼ ଏବଂ ୯ ତାରିଖ ଦିନ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଗଜପତି, ଗଞ୍ଜାମ, ନୟାଗଡ଼, କଟକ ଓ ଯାଜପୁର ଜିଲ୍ଲାର କେତେକ

ସ୍ଥାନରେ ହାଲୁକା ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

*********************************